

# କଟକ ସିଟି

# ୨୬ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ

**କଟକ, ୧୪।୨(ସମିସ):** ଜଣେ ପେସାଦାର ନିଶା ବେପାରୀକୁ ମାଲଗୋଦାମ ଥାନା ପୁଲିସ ଗିରଫ କରିବା ସହ ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ଅଭିଯୁକ୍ତ ଜଣକ ହେଉଛି, ଜଗତପୁର ଥାନା ମଙ୍ଗଳାସାହିର ଟିକି ଓରଫ ପ୍ରଶାନ୍ତ ବାରିକ(୪୭)।



ବୁଧବାର ସକାଳ ପ୍ରାୟ ୬ଟା ବେଳେ ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଲା ଯେ, ବିଶ୍ୱଗୁରୁ ଆଇନ କଲେଜ ନିକଟସ୍ଥ ମହାନଦୀ କୂଳରେ ବଡ ଧରଣର ନିଶା କାରବାର ହେଉଛି। ମାଲଗୋଦାମ ପୁଲିସର ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଚଢଉ କରିଥିଲା। ଏହି ସମୟରେ ଅଭିଯୁକ୍ତ ପ୍ରଶାନ୍ତ ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ତା' ନିକଟରୁ ଏକ ପଲିଥିନ ପ୍ୟାକେଟରେ ଥିବା ୨୬୧ ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ଏହି ନିଶାଦ୍ରବ୍ୟ ସହ ଅଭିଯୁକ୍ତ ପାଖରୁ ୧୧୪୦ ଟଙ୍କା ଓ ୨ଟି ମୋବାଇଲ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ପ୍ରଶାନ୍ତ ଦୀର୍ଘ ଦିନ ହେବ ନିଶା ବେପାରରେ ସକ୍ରିୟ ରହିଛି। ସେ ଏଜେଣ୍ଟଙ୍କ ଜରିଆରେ ଜଳେଶ୍ୱରରୁ ନିଶାଦ୍ରବ୍ୟ ଆଣି କଟକ ସହରରେ ସପ୍ଲାଏ କରୁଥିଲା। ପୂର୍ବରୁ ତା' ନାଁରେ ଲକ୍ଷ୍ମୀସାଗର, କଟକ ସଦର, ମଙ୍ଗଳାବାଗ, ବାଲିଆପାଳ ଥାନାରେ ୭ଟି ମାମଲା ରହିଛି। ଏପରିକି ସେ ବହୁବାର ପୂର୍ବରୁ ଗିରଫ ହୋଇ ଜେଲ୍ ଯାଇଛି। ଜେଲରୁ ମୁକୁଳିବା ପରେ ପୁଣି ନିଶା କାରବାର କରୁଥିଲା।

# ୮ରୁ ୨୧ତମ ଜାତୀୟ 'ତ୍ରିପଲ ଓ' ସମ୍ମିଳନୀ

**କଟକ, ୧୪।୨(ସମିସ):** କଟକ ବଡ ଡାକ୍ତରଖାନାରେ ମାର୍ଚ୍ଚ ୮ରୁ ୧୦ପର୍ଯ୍ୟନ୍ତ ୨୧ତମ ଜାତୀୟ ତ୍ରିପଲ 'ଓ' ସମ୍ମିଳନୀ ଅନୁଷ୍ଠିତ ହେବ। ଆସୋସିଏସନ ଅଫ ଓରାଲ ପାଥୋଲୋଜି, ଆସୋସିଏସନ ଅଫ ଓରାଲ ସର୍ଜରୀ, ଇଣ୍ଡିଆନ ଏକାଡେମୀ ଅଫ ଓରାଲ ମେଡିସିନ ଓ ରେଡିଓଲୋଜି ସହଯୋଗରେ ପୂର୍ବ ଭାରତରେ ପ୍ରଥମ ଥର ପାଇଁ କଟକରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ଓରାଲ ଫ୍ରଣ୍ଟିୟର୍ସ ଏକୀକରଣ ବିଶେଷଜ୍ଞତା ଏବଂ ସାମ୍ଭାବ୍ୟ ଉନ୍ମୋଚନ' ଶୀର୍ଷକ ଉପରେ ଆଲୋଚନା କରାଯିବ। ମୁଖ ଗହ୍ୱର ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ବହୁ ବିଶେଷଜ୍ଞ, ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ନାତକୋତ୍ତର ଡାକ୍ତରୀ ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିବେ। ଓରାଲ ମେଡିସିନ, ଓରାଲ ପାଥୋଲୋଜି ଏବଂ ଓରାଲ ସର୍ଜରୀ ବିଭାଗ ଭେଷଜ, ମୁଖଗହ୍ୱର ଓ ଦନ୍ତ ଚିକିତ୍ସା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଏହି ୩ଟି ବିଭାଗରେ ରୋଗୀର ନିରାକରଣ, ପରିଚାଳନା କ୍ଷେତ୍ରରେ ମୁଖ୍ୟ ଭୂମିକା ନେଇଥାଏ। ଏହି ସମ୍ମିଳନୀରେ ଯୋଗଦେବାକୁ ଦେଶର ବିଭିନ୍ନ ରାଜ୍ୟରୁ ୧ ହଜାରରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ଯୋଗଦେବେ ବୋଲି ଆୟୋଜନ କମିଟିର ଅଧ୍ୟକ୍ଷ ପ୍ରଫେସର ଡା. ଫକୀରମୋହନ ଦେବତା ସୂଚନା ଦେଇଛନ୍ତି।

# ରାଣୀହାଟ ହାଇସ୍କୁଲ ୧୯୬୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କଟକ, ୧୪।୨(ସମିସ):** ଗଡ଼ଗଡ଼ିଆ ଶିବ ମନ୍ଦିର ପ୍ରାଙ୍ଗଣରେ ରାଣୀହାଟ ହାଇସ୍କୁଲର ୧୯୬୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଜୀବନର ସ୍ମୃତିକୁ ରୋମାନ୍ଥନ କରିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ଡ. ବିଜୟ କୁମାର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଅନୁରାଧା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳ୍ପନା ମିଶ୍ର, ସବିତା ଦାଶ, ଦେବାଶିଷ ମହାପାତ୍ର, ରବି ଦାଶ, ନୂତନ ଦାଶ, ଶରତ ବସା, ଡ. ଅକ୍ଷୟ ସରକାର, ଅଜୟ ମିଶ୍ର, ସୁବାସ ଚନ୍ଦ୍ର ସାହୁ, ସୁନାଲାଲ୍ ଗୁପ୍ତା, ନାରାୟଣ ପଣ୍ଡା, ଲୋକନାଥ ବେହେରା, ଶୁକଦେବ ସାହୁ, ରାଜକିଶୋର ପ୍ରଧାନ, ଦେବରାଜ ସାହୁ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।







## ଗୋପାଳପୁର ଛକରେ ଓଲଟିଲା ବସ୍

# ଟଳିଗଲା ବଡ଼ଧରଣର ଦୁର୍ଘଟଣା



### ଅକାଳରେ ଚାଲିଗଲା ଜଣଙ୍କ ଜୀବନ

### ପ୍ରଚଣ୍ଡ ଶବ୍ଦ ଓ ଚିତ୍କାରରେ ଫାଟିପଡ଼ିଥିଲା ଦୁର୍ଘଟଣାସ୍ଥଳ

### ଏସ୍‌ସିବିରେ ଆହତଙ୍କୁ ଭେଟିଲେ ମେୟର, ବିଧାୟକ, ନିରାମୟ ଉପଦେଷ୍ଟା ଓ ପୂର୍ବତନ ବିଧାୟକ

**କଟକ, ୧୪।୨(ସମିସ):**

ଆଉ ମାତ୍ର ୧୦ମିନିଟ୍ ପରେ କେତେକ ଯାତ୍ରୀ ଲିଙ୍କରୋଡ୍‌ରେ ଓହ୍ଲାଇ ଥାଆନ୍ତେ। ପୁଣି ନୂଆଯାତ୍ରୀ ବସାଇ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥାଆନ୍ତା 'ଚନ୍ଦନ' ବସ୍। ବସ୍ ଭିତରେ ଥିବା ଅଧିକାଂଶ ଯାତ୍ରୀ ନିଜ ବ୍ୟାଗ୍ ସଜାଡୁଥିଲେ। ଗୋପାଳପୁର ଛକ ପରେ କଣ୍ଡକ୍ଟର୍ ଆଗ ଷ୍ଟପେଜ୍‌ରେ ଓହ୍ଲାଇବାକୁ ଥିବା ଯାତ୍ରୀଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ। ମାତ୍ର କେଇମୁହୂର୍ତ୍ତ ମଧ୍ୟରେ ଘଟିଥିଲା ଅଘଟଣ। ଠିକ୍ ଗୋପାଳପୁର ଛକ ନିକଟରେ ଡ୍ରାଇଭର ହଠାତ୍ ବ୍ରେକ୍ ମାରିଥିଲେ। ଯାତ୍ରୀମାନେ କିଛି ବୁଝିବା ଆଗରୁ ଘଟିଯାଇଥିଲା ଦୁର୍ଘଟଣା। ସାଇକେଲ ଆରୋହୀଙ୍କ ହଠାତ୍ ସାମ୍ନାକୁ ଆସିଯିବାରୁ ଯାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇଥିଲା। ରାସ୍ତା କଡ଼ରେ ଥିବା ଇଲେକ୍ଟ୍ରିକ୍ ଖୁଣ୍ଟରେ ପିଟି ହୋଇ ଡିଭାଇଡ଼ର୍ ଉପରେ ଓଲଟି ପଡ଼ିଥିଲା। ବସ୍‌ତଳେ ଚାପି ହୋଇ ଅକାଳରେ ଜଣଙ୍କର ଜୀବନ ଯାଇଥିଲା। ଦୁର୍ଘଟଣାକୁ ଆଖି ଆଗରେ ଘଟୁଥିବାର ଦେଖି ଆତଙ୍କିତ ହୋଇ ଚିତ୍କାର କରିଥିଲେ ଯାତ୍ରୀ। ସ୍ଥାନୀୟ ଲୋକ, ଦୋକାନୀ ଓ ରାସ୍ତାରେ ଯାଉଥିବା ଜନସାଧାରଣ ପ୍ରଥମେ ଓଲଟି ପଡ଼ିଥିବା ବସ୍‌ର କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ। ଏହାପରେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ବସ୍ ଭିତରେ ଯାତ୍ରୀଙ୍କର ବ୍ୟାଗ୍, ଲଗେଜ୍ ଓ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଥିଲା। ଆହତ ଯାତ୍ରୀଙ୍କୁ ଏସ୍‌ସିବି ପଠାଯାଇଥିଲା। ଦୁର୍ଘଟଣାରୁ ବର୍ତ୍ତିଥିବା ଯାତ୍ରୀମାନେ ଅନ୍ୟ ଗାଡିରେ ନିଜର ଗନ୍ତବ୍ୟସ୍ଥଳୀକୁ ଯାତ୍ରା କରିଥିଲେ।

ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ବସ୍‌ରେ ପ୍ରାୟ ୩୫ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ଏସ୍‌ସିବିରେ ୧୨ଜଣଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏତେଟା ଗୁରୁତର ନୁହେଁ ବୋଲି ମେଡିକାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆସନ୍ତା କାଲି ସାମାନ୍ୟ ଆହତ ହୋଇଥିବା ବସ୍ ଯାତ୍ରୀଙ୍କୁ ଡିସଚାର୍ଜ କରାଯିବ। ଅନ୍ୟ ଆହତଙ୍କର ଚିକିତ୍ସା ଜାରି ରହିବ ବୋଲି ମେଡିକାଲ୍ କର୍ତ୍ତୃପକ୍ଷ କହିଛନ୍ତି। ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଭଦ୍ରକ ଅଞ୍ଚଳର ରାକେଶ କୁମାର ବାରିକଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ବ୍ୟକ୍ତିଗତ କାର୍ଯ୍ୟରେ ଭୁବନେଶ୍ୱର ଆସି ନିଜ ଘରକୁ ଫେରୁଥିଲେ। ହଠାତ୍ ଗୋପାଳପୁର ଛକରେ ଏଭଳି ଅଘଟଣ ଘଟିଥିଲା। ବସ୍ ଓଲଟି ପଡ଼ିବ ପରେ ଯାତ୍ରୀମାନଙ୍କ ଚିତ୍କାର ଶୁଣି ସେ ଭୟଭିତ ହୋଇପଡ଼ିଥିଲେ ବୋଲି କହିଛନ୍ତି।

ଏସ୍‌ସିବି ମେଡିକାଲରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂହ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ ଓ ପୂର୍ବତନ କଟକ-ଚୌଦ୍ୱାର ବିଧାୟକ ଡ. ପ୍ରଭାତ ବିଶ୍ୱାଳ ପହଞ୍ଚି ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେମାନେ ଚିକିତ୍ସା କରୁଥିବା ସ୍ୱତନ୍ତ୍ର ଡାକ୍ତରୀଟିମ୍ ସହିତ ଆଲୋଚନା କରିଥିଲେ।









# ମିଲେଟର ପ୍ରଚାରପ୍ରସାର ସମ୍ପର୍କିତ ଜିଲ୍ଲାସ୍ତରୀୟ ସମ୍ମିଳନୀ



**କଟକ, ୧୪।୨(ସମିସ):** ମିଲେଟର ବ୍ୟାପକ ପ୍ରଚାର ଓ ପ୍ରସାର ସଂକ୍ରାନ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟମାନଙ୍କ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆଜି କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମିଲେଟ କେକ୍ କଟାଯାଇ ବୈଠକକୁ ଉଦଘାଟନ କରାଯାଇଥିଲା। ଓଡ଼ିଶା ରାଜ୍ୟ ତଥା ମୁଖ୍ୟତଃ କଟକ ଜିଲ୍ଲାରେ ମିଲେଟ ବା ଶ୍ରୀ ଅନ୍ନର ସ୍ଥିତି ନେଇ ପିପିଟି ଉପସ୍ଥାପନା କରାଯିବା ସହ ଏକ ସଂକ୍ଷିପ୍ତ ଆଲୋଚନା ମଧ୍ୟ କରାଯାଇଥିଲା। ମିଲେଟ୍ ଉତ୍ପାଦନ ବୃଦ୍ଧି ଓ ଏହାର ବ୍ୟବହାରକୁ ଲୋକାଭିମୁଖୀ କରିବା ନେଇ ମିଲେଟ ମିଶନର ଭୂମିକା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ, ପାଏସ୍, କେକ୍ ଆଦି ପ୍ରଦର୍ଶିତ ହେବା ସହ ସ୍ୱୟଂ ସହାୟକ ଉଦ୍ୟୋଗୀମାନେ ମିଲେଟ ଜାତୀୟ ଖାଦ୍ୟ ଦ୍ରବ୍ୟ ବିପଣନ ସମ୍ବନ୍ଧିତ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କୃଷି ଓ ଅନ୍ୟାନ୍ୟ କ୍ଷେତ୍ର ଜିଲ୍ଲା ପରିଷଦ ସ୍ଥାୟୀ କମିଟି ଅଧ୍ୟକ୍ଷ ଆଶିଷ ସାହୁ ଓ କଟକ ଜିଲ୍ଲା କୃଷି ସହକାରୀ ନିର୍ଦ୍ଦେଶକ ଅସୀମା ମିଶ୍ର ଏହାକୁ ସଂଯୋଜନା କରିଥିବାବେଳେ କଟକ ଜିଲ୍ଲାର ବିଭିନ୍ନ ଜୋନର ଜିଲ୍ଲା ପରିଷଦ ସଦସ୍ୟ, କଟକ ସଦର ସରପଞ୍ଚ, ବାରଙ୍ଗ ମଣ୍ଡଳ କୃଷି ଅଧିକାରୀ, ଓଡ଼ିଶା ମିଲେଟ ମିଶନ୍ ଡିପିସି କଟକ ପ୍ରମୁଖ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଶେଷରେ ଓଡ଼ିଶା ମିଲେଟ ମିଶନ କଟକର କୃଷି ସହାୟକ ନିର୍ଦ୍ଦେଶକ ତଥା ଯୋଜନା ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀପଞ୍ଚମୀରେ ସହର ଉତ୍ସବମୁଖର







**କଟକ, ୧୪।୨(ସମିସ):**

ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚାନ ସହରରେ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍ ଓ କେତେକ ବେସରକାରୀ ପ୍ରତିଷ୍ଠାନରେ ମା'ଙ୍କ ପୂଜା କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶୈଳବାଳା ମହାବିଦ୍ୟାଳୟ, ଏନ୍‌ଏଲ୍‌ୟୁ, ଶ୍ରୀ ଶ୍ରୀ ୟୁନିଭର୍ସିଟି ସମେତ ସହରର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାରେ ସଭାପତି ପଦ୍ମନାଭ ସାମଲ, ଉପସଭାପତି ଡଃ ସତ୍ୟ ରାୟ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ଜେନା, ରଘୁନାଥ ମହାପାତ୍ର, ଡଃ ଓଁକାର ରାଉତ ଓ ଅନ୍ତେବାସୀ ଛାତ୍ରମାନେ ଯୋଗ ଦେଇଥିଲେ। ବିଡ଼ାନାସୀସ୍ଥିତ ଶ୍ରୀକୃଷ୍ଣ ଭବନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ଆଇନଜୀବୀ ଅଶୋକକୁମାର ସ୍ୱାଇଁ, ଆଶୁତୋଷ ବୋଷ, ସୁଦର୍ଶନ ସାହୁ, ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ପୂଜା କରିଥିଲେ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ



**କଟକ :** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାତ୍ରୀ ମା' ସ୍ୱରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଇଚ୍ଛାବତୀ ଛାତ୍ରୀ ନିବାସ ଓ କପିଳ ଛାତ୍ର ନିବାସରେ ଅନ୍ତେବାସୀ, ମେଡିକାଲ କଲେଜ, ପଲିଟେକ୍‌ନିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଡମ୍ବରପୂର୍ଣ୍ଣ ଭାବରେ ବାଗଦେବୀଙ୍କ ମୃଣ୍ମୟ ପ୍ରତିମା ପୂଜା ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ନୟନ ରଞ୍ଜନ ସାମଲ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପକ ସୁଶାନ୍ତ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଯୋଗଦେଇ ଭକ୍ତି ଅର୍ଘ୍ୟ ଅର୍ପଣ ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# କଟକ ସିଟି



## କଦମ୍-ଏ-ରସୁଲର ବିଭିନ୍ନ ସମସ୍ୟା ସମାଧାନ ଦାବି



**କଟକ, ୧୪।୨(ସମିସ):** କଟକ କଦମ୍-ଏ-ରସୁଲ ଯୁବକ ସଂଘ ଓ କଟକ କଦମ୍-ଏ-ରସୁଲ ଉନ୍ନୟନ କମିଟିର କର୍ମକର୍ତ୍ତା ମାନେ କଟକର ନୂତନ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ କଦମ୍-ଏ-ରସୁଲର ଉନ୍ନତି ପାଇଁ ପ୍ରଦାନ କରିଥିବା ଦୁଇ କୋଟି ଟଙ୍କାର କାମ ସମ୍ପର୍କରେ ଆଲୋଚନା ହୋଇଥିଲା। କଦମ୍-ଏ-ରସୁଲରେ କବର ଦିଆଯାଉଥିବା ଶବର ଜଳସମାଧି ଭଳି ମୌଳିକ ସମସ୍ୟାର ସମାଧାନ ଓ କଦମ୍-ଏ-ରସୁଲ ସମ୍ମୁଖରେ ଏକ ସୁଦୃଶ୍ୟ ସୁ-ଉଚ୍ଚ ତୋରଣ ନିର୍ମାଣ ଏବଂ ପାର୍କିଙ୍ଗ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରାଯାଇଥିଲା। ସେହିପରି ନୂତନ କମିଟି ଗଠନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କୁ ପରିଚାଳନା ଦାୟିତ୍ୱ ଦେବା ସହ ଓଡ଼ିଶା ବୋର୍ଡ ଅଫ ୱାକଫ୍ ସହଯୋଗରେ ଜଣେ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀଙ୍କୁ ପ୍ରଶାସକ ଭାବେ ଦାୟିତ୍ୱ ଦେବାପାଇଁ ଦାବି କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ କଦମ୍-ଏ-ରସୁଲ ଯୁବକ ସଂଘର ସଭାପତି ଜନାବ ହାଜି ମହମ୍ମଦ ଅଜିଜୁର୍ ରହିମ, ଡେଭଲପମେଣ୍ଟ କମିଟି ସଭାପତି ଜନାବ ମୁନ୍ତାକିମ୍ ବକ୍ସ, ଓଡ଼ିଶା ବୋର୍ଡ ଅଫ ୱାକଫର ପୂର୍ବତନ ଅଧ୍ୟକ୍ଷ ସୈୟଦ ଏକ୍ରାମ ହୁସେନ, ମିର୍ଜା ଇମାମି ବେଗ, ରିଙ୍କୁ ଅଲ୍ଲୀ, ଅବ୍ଦୁଲ ସିରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କୃତଜ୍ଞତା

**କଟକ, ୧୪।୨(ସମିସ):** ରାଜ୍ୟସଭା ନିମନ୍ତେ ବିଜେଡି ପକ୍ଷରୁ କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଓ ରାଜ୍ୟ ବିଜେଡି ଯୁବ ମୋର୍ଚ୍ଚା ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କୁ ପ୍ରାର୍ଥୀ ଚୟନ କରାଯାଇଥିବାରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି, ରାଜ୍ୟ ଆଇନଜୀବୀ ପରିଷଦ ସଭାପତି ସୀତାଂଶୁ ମୋହନ ଦ୍ୱିବେଦୀ, ଉପସଭାପତି ରାଜୀବ ମହାନ୍ତି, ଆଇନଜୀବୀ ସାମ୍ମୁଖ୍ୟର ସଂଯୋଜକ ମନୋଜ ବର୍ମା, ଗଗନ ଚନ୍ଦ୍ର ମେହେର, ଶଶୀଭୂଷଣ ଦାସ, ଜୟଦୀପ ପାଲ, ଅରୂପାନନ୍ଦ ଦାସ, ଜନ୍ମେଜୟ କଟକିଆ, ସିଦ୍ଧାର୍ଥ ଦାସ, ଗୋପାଳ ଅଗ୍ରୱାଲ, ବଂଶୀଧର ଶତପଥୀ, ଦୀପକ ପରିଡ଼ା, ବିଜ୍ଞାନ ମହାପାତ୍ର, ବିଜୟ ପରିଡ଼ା, ପ୍ରଭାତ ଦାସ, ସୁନୀଲ ସାମଲ, ବିଶ୍ୱଜିତ ରାୟ, ଅମିତାଭ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ଅମିତାଭ ମିଶ୍ର ପ୍ରମୁଖ ଆଜି ଦୁଇ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏନ୍ଆର୍ଆର୍ଆଇରେ ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା



**କଟକ, ୧୪।୨(ସମିସ):** କଟକ ସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ୩୨ତମ ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା ଆଜି ଅନୁଷ୍ଠିତ ହୋଇଯାଇଛି। କଲରାଡୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ପ୍ରଫେସର ଡ. ଜାନ୍. ଇ.ଲିଚ୍ 'ଧାନରେ ସ୍ଥାୟୀ ଜୈବ ଓ ଅଜୈବ ଚାପ ପ୍ରତିରୋଧ ପାଇଁ ଏକ ପଥ' ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଧାନ ଗବେଷକ ସଂଗଠନର ସଭାପତି ଡ. ପିକେ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଧାନ ଗବେଷକ ସଂଗଠନର ସଚିବ ଡ. ଏନି ପୁନମ୍ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଉପସଭାପତି ଡ. ଏମ୍.ଜେ.ବେଗ୍ ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତାର ବିଶେଷ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶେଷରେ ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡ. ସାହୁଙ୍କ ପତ୍ନୀ ବାସନ୍ତୀ ସାହୁ, ପଙ୍କଜ ବାସିନୀ ମହାନ୍ତି ଏବଂ ଅନୁଷ୍ଠାନର ଗବେଷକ, ବୈଜ୍ଞାନିକ ଓ ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ।

### ଦ୍ରୁତ ଗତିରେ ଗଡୁଛି ଯାତ୍ରୀ ପରିବହନରେ ନିୟୋଜିତ ଗାଡ଼ି !

# ବେଗ ନିୟନ୍ତ୍ରକ ଯନ୍ତ୍ର ଯାଞ୍ଚକୁ ନେଇ ପ୍ରଶ୍ନ

କଟକ, ୧୪।୨(ସମିସ)

ଯାତ୍ରୀ ପରିବହନ କ୍ଷେତ୍ରରେ ନିୟୋଜିତ ଥିବା ବସ୍ ତଥା ଅନ୍ୟ ଗାଡି ଗୁଡିକରେ ସ୍ପିଡ କଣ୍ଟ୍ରୋଲ ଡିଭାଇସ ବା ସ୍ପିଡ ଲିମିଟର ସଂଯୋଗର ସଠିକ ଯାଞ୍ଚକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଯନ୍ତ୍ର ଲଗାଯିବା ଫଳରେ ଗାଡିର ବେଗ ନିର୍ଦ୍ଧାରିତ ସୀମା ମଧ୍ୟରେ ରହିବ। ଏହା ଦ୍ୱାରା ସଡକ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ପରିବହନ ବିଭାଗ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୁହାଯାଇଥିଲା। କିନ୍ତୁ ଏହି ଡିଭାଇସ ଲଗାଯିବା ପରେ ବି ଯାତ୍ରୀବାହୀ ଗାଡି ଗୁଡିକ ରାଜପଥରେ ଦ୍ରୁତ ଗତିରେ ଗଡୁଥିବା ପରିଲକ୍ଷିତ ହେଉଛି। ଏବେ ବି ଗାଡି ଗୁଡିକରେ ସ୍ପିଡ ଗଭର୍ଣ୍ଣର ନାମକୁ ମାତ୍ର ଲାଗିଥିବା ଜଣାପଡ଼ିଛି। ଗାଡିରେ ସ୍ପିଡଲିମିଟର ଡିଭାଇସ ରହିଥିଲେ ହିଁ ଗାଡି ଗୁଡିକୁ ଫିଟନେସ ଦିଆଯାଇଥାଏ। ବାସ୍ତବରେ ଏହାର ସଂଯୋଗ ରହିଛି ନା ବିଚ୍ଛିନ୍ନ କରାଯାଇ ଗାଡି ଚଳାଚଳ କରୁଛି ତାହାର ଆଉ ଯାଞ୍ଚ ସଠିକ ଢଙ୍ଗରେ ହେଉନାହିଁ। ଫଳରେ ବିଭିନ୍ନ ଗାଡି ପାଇଁ ନିର୍ଦ୍ଧାରିତ ବେଗ ଠାରୁ ଅଧିକ ବେଗରେ ଗାଡି ଗୁଡିକ ଗଡୁଛି। ସ୍ପିଡ ଗଭର୍ଣ୍ଣର ପାଇଁ ଗତି ବଢ଼ିନଥାଏ ଏଣୁ ଗାଡି ଗୁଡିକ ଏହାର ସଂଯୋଗ ବିଚ୍ଛିନ୍ନ କରି ଚଳାଉଥିବା ଅଭିଯୋଗ ହୋଇଆସୁଛି। ମୋଟରଯାନ ଆଇନ ୧୯୯୩ର ରୁଲ୍ ୧୭୩ ଅନୁସାରେ ଗାଡି ଗୁଡିକର ସର୍ବାଧିକ ବେଗ ଧାର୍ଯ୍ୟ କରିଥିଲା ପରିବହନ ପ୍ରାଧିକରଣ। ୮ ଜଣରୁ ଅଧିକ ଲୋକ ଯାଉନଥିବା ଅଣ ପରିବହନ ଗାଡି ଗୁଡିକ ଡିଭାଇଡର ଥିବା ଚାରିଲେନ୍ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ଘଣ୍ଟା ପ୍ରତି ୧୦୦କିଲୋମିଟର ବେଗରେ ଯାଇପାରିବ। ବାକି ଜାଗାରେ ୬୦କିଲୋମିଟର ମଧ୍ୟରେ ବେଗରେ ଯାଇପାରିବ। ସେହିପରି ୮ ସିଟ୍‌ରୁ ଅଧିକ ହୋଇନଥିବା ଗାଡି ଡିଭାଇଡରଯୁକ୍ତ ୪ଲେନ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ୮୦ କିଲୋମିଟର ଓ ମହାନଗର ଓ ବିଜ୍ଞାପିତ ଅଞ୍ଚଳ ସୀମା ଭିତରେ ୫୦କିଲୋମିଟର ବେଗରେ ଯାଇପାରିବ। ୯ ସିଟ୍ ବିଶିଷ୍ଟ ବା ତଦୁର୍ଦ୍ଧ୍ୱ ପରିବହନ ଓ ଅଣପରିବହନ ଗାଡି ପାଇଁ ଚାରି ଲେନ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ବେଗ ଘଣ୍ଟା ପ୍ରତି ୮୦ କିଲୋମିଟର ଧାର୍ଯ୍ୟ ହୋଇଥିଲା। ହେଲେ ଏହି ଗାଡି ଗୁଡିକ ଯଦି ମହାନଗର ଓ ବିଜ୍ଞାପିତ ଅଞ୍ଚଳ ଦେଇ ଯାଇଥିବା ରାଜପଥରେ ଯାଉଥିବ ତାହେଲେ ସର୍ବାଧିକ ଘଣ୍ଟା ପ୍ରତି



ମାତ୍ର ୪୦କିଲୋମିଟର ବେଗରେ ଯାଇପାରିବ ବୋଲି କୁହାଯାଇଥିଲା। କିନ୍ତୁ ପରିବହନ ବିଭାଗର ନିୟମ ଉଲ୍ଲଙ୍ଘନ କରି ବହୁ ଗାଡି ଦ୍ରୁତ ବେଗରେ ଚଳାଚଳ କରୁଛି। ଯାତ୍ରୀବାହୀ ବସ ଟାଟା ମ୍ୟାଜିକ ଗୁଡିକରେ ସ୍ପିଡ ଗଭର୍ଣ୍ଣର ଲଗାଯିବା ପରେ ବି ଗାଡି ଗୁଡିକ କିପରି ଦ୍ରୁତଗତିରେ ଚଳାଚଳ କରୁଛି ତାହା ଯାଞ୍ଚ ସାପେକ୍ଷ। ପରିବହନ ବିଭାଗ ପକ୍ଷରୁ ଗତ ୨୦୧୬ମସିହାରେ ସବୁ ଯାତ୍ରୀବାହୀ ଗାଡି ତଥା ବସରେ ସ୍ପିଡ ଗଭର୍ନର ବା ଲିମିଟର ଲଗାଯିବାକୁ ବାଧ୍ୟତାମୂଳକ କରାଯାଇଥିଲା।

ସେହିପରି ବସ ଡ୍ରାଇଭର ମାନଙ୍କୁ ମୋବାଇଲ ଫୋନ ମନା ହୋଇଥିଲା। ଗାଡି ଚଳାଉଥିଲା ବେଳେ ବସ ଡ୍ରାଇଭର ମାନଙ୍କର ଫୋନ ସମ୍ପୃକ୍ତ ବସର କଣ୍ଡକ୍ଟର ମାନଙ୍କ ନିକଟରେ ରହିବ ବୋଲି କୁହାଯାଇଥିଲା। ବସ ଗୁଡିକରେ ଟୋଲ ଫ୍ରି ନମ୍ବର (୧୮୦୦୩୪୫୧୦୭୩) ଲେଖାଯିବା ବାଧ୍ୟତାମୁଳକ ହୋଇଥିଲା। ଏହା ମଧ୍ୟ ଅନେକାଂଶରେ ପାଳନ ହେଉନାହିଁ। ପ୍ରକାଶଥାଉକି କଟକରେ ବୁଧବାର ସନ୍ଧ୍ୟାରେ ବସ ଓଲଟିବାରୁ ଅନେକ ଆହତ ହେବା ସହ ଜଣଙ୍କ ମୃତ୍ୟୁ ଘଟିଥିଲା। ପରିବହନ ବିଭାଗର ଅଧିକାରୀଙ୍କ କହିବାନୁସାରେ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।



ମଧୁ ସଂଗ୍ରହରେ ବ୍ୟସ୍ତ ମହୁମାଛି (ଫଟୋ - ବିକାଶ)

## ସିଟି ହସ୍ପିଟାଲକୁ ଲକ୍ଷ୍ୟ ପୁରସ୍କାର

**କଟକ, ୧୪।୨(ସମିସ):** କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲକୁ ମିଳିଛି 'ଲକ୍ଷ୍ୟ ପୁରସ୍କାର'। ମଙ୍ଗଳବାର ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଟି ହସ୍ପିଟାଲକୁ ପୁରସ୍କୃତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମକରାନନ୍ଦ ବେଉରା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧାଂଶୁ କୁମାର ଗିରି, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଉପସ୍ଥିତ ରହି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ରୋଗୀଙ୍କୁ ଉତ୍ତମ ଓ ଉନ୍ନତମାନ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା କ୍ଷେତ୍ରରେ ଏହି ଚିକିତ୍ସାଳୟ ଭଲ ପ୍ରଦର୍ଶନ କରିଛି। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ସିଟି ହସ୍ପିଟାଲ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏଥି ନିମନ୍ତେ ସିଟି ହସ୍ପିଟାଲକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ମିଳିଛି ବୋଲି ଡାକ୍ତର ଗିରି କହିଛନ୍ତି।

## ଶାରଳା ବିହାର ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

**କଟକ, ୧୪।୨(ସମିସ):** ଗଣ୍ଡରପୁର ଶାରଳା ବିହାର ସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବଚକ ଲିଙ୍ଗରାଜ ପତି ଉଦଘାଟକ ଭାବେ, ଶରତ ଚନ୍ଦ୍ର ସେନ୍ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀ, ନିତ୍ୟାନନ୍ଦ ବଳ, ଭାଗବତ ସାହୁ, ଉର୍ମିଳା ସାହୁ, ସୁଧାଂଶୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରମୋଦ ଦାଶ, ସାଗର ନାୟକ, ଡ. ଜୟନ୍ତୀବାଳା ମହାନ୍ତି, ଜୟଶ୍ରୀ ମହାନ୍ତି, କବିତା କରଣ, ରୀତା ପୁହାଣ ଓ ସୌରଭ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବାସନ୍ତୀ ଦାସ, ରଶ୍ମିତା ଦଳେଇ, ରଶ୍ମିତା ବସ୍ତିଆ, ରୀତାଞ୍ଜଳି ସାହୁ, ଗୀତାଞ୍ଜଳି ସାହୁ, ନିର୍ମଳା ଓ ସନ୍ତୋଷୀ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ ସହିତ ଗୀତାପାଠ ଓ ଯୋଗ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଶିବିରାର୍ଥି ସଂକୀର୍ତ୍ତନ ସହ ପ୍ରଭୁ ଶ୍ରୀରାମଙ୍କ ଆରାଧନା କରିଥିଲେ।

## ସୂର୍ଯ୍ୟବିହାର ଜେନିଥ କ୍ଲବ ପକ୍ଷରୁ ସରସ୍ୱତୀ ପୂଜା

**କଟକ, ୧୪।୨(ସମିସ):** ଲିଙ୍କରୋଡସ୍ଥିତ ସୂର୍ଯ୍ୟବିହାର ଜେନିଥ କ୍ଲବ ଓ ଜେନିଥ କ୍ଲବ ମହିଳା ଶାଖା ତରଫରୁ ମା' ସରସ୍ୱତୀଙ୍କ ପୂଜା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୂର୍ଯ୍ୟବିହାରର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ତଥା ମହିଳାମାନେ ଭାଗ ନେଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅମୀୟ କୁମାର ସାହୁ, ସଞ୍ଜିବ କୁମାର ପ୍ରହରାଜ, ନରେଶ ଚନ୍ଦ୍ର ଜେନା, ଅବନୀନ୍ଦ୍ର ସାମନ୍ତରାୟ, ଶାଶ୍ୱତ ସାହୁ, ଲିଟୁ ସାହୁ, ମଞ୍ଜିତ କୁମାର କର ମହାପାତ୍ର, ଜ୍ୟୋତିପ୍ରକାଶ ତ୍ରିପାଠୀ, ମାନବେଷ ମହାନ୍ତି, ଦେବାଶିଷ ବେହେରା, ଯଯାତି ରାଉତ ଓ ମହିଳା ଶାଖାର ମୀନା କୁମାରୀ ସାହୁ, ସୁଦୀପ୍ତା ପ୍ରହରାଜ, ସୁମିତ୍ରା ମହାନ୍ତି, କସ୍ତୁରୀ ପ୍ରଧାନ, ସୁମିତ୍ରା କର ମହାପାତ୍ର, ଲୀନା ସାହୁ, ସାଗରିକା ମହାନ୍ତି, ରଶ୍ମିତା ତ୍ରିପାଠୀ ପ୍ରମୁଖ ପୂଜାକୁ ସଫଳ କରିବାରେ ସହଯୋଗ କରିଥିଲେ।



## ବୋର୍ଡ ସ୍କୁଲ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ



**କଟକ, ୧୪।୨(ସମିସ):** କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ରୂପାନ୍ତରୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ନୂତନ ଗୃହ ନିର୍ମାଣ ପାଇଁ ଏକ ଭିତ୍ତିପ୍ରସ୍ତର ସ୍ଥାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରଥମ ସଭାପତି ତୀର୍ଥାନନ୍ଦ ମହାପାତ୍ରଙ୍କ କରକମଳରେ ଓ ପୁରାତନ ଛାତ୍ର ଡ. ସଂତୃପ୍ତ ମିଶ୍ରଙ୍କ ଉପସ୍ଥିତିରେ ଏହି ଭିତ୍ତିପ୍ରସ୍ତର ସ୍ଥାନ କରାଯାଇଥିଲା। ଏହି ନୂତନ ବିଲ୍ଡିଂ ପାଇଁ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ଏବଂ ବିର୍ଲା କାର୍ବନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକୀୟ ଅନ୍ୟାନ୍ୟ ଭିତ୍ତିଭୂମିର ନିର୍ମାଣ ତଥା ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଡ. ସଂତୃପ୍ତ ମିଶ୍ର କହିଛନ୍ତି।

### ଜିଲ୍ଲାରେ କମିକମି ଯାଉଛି ଆଖୁ ଚାଷ

# ମାତ୍ର ୨ ହଜାର ହେକ୍ଟରରେ ସୀମିତ ଚାଷ

କଟକ, ୧୪।୨(ସମିସ)

ଏକଦା କୃଷିପ୍ରଧାନ କଟକ ଜିଲ୍ଲାରେ ଆଖୁ ଚାଷ ଯେତିକି ଜମିରେ ହେଉଥିଲା ଏବେ ତାହା ଅଧାରୁ ଅଧିକ ହ୍ରାସ ପାଇଗଲାଣି। ବର୍ଷକୁ ବର୍ଷ ଏହା ବୃଦ୍ଧି ପାଇବା ବଦଳରେ କମି କମି ଚାଲିଛି। ଆଖୁ ଏକ ଅର୍ଥକାରୀ ଫସଲ ହୋଇଥିଲେ ହେଁ ଗତ କିଛି ବର୍ଷ ଧରି ଆଖୁ ଚାଷ ହ୍ରାସର ଏକ ଟ୍ରେଣ୍ଡ ଦେଖିବାକୁ ମିଳିଲାଣି। ଏପରିକି ଜିଲ୍ଲାର ଏହି ସବୁ ବ୍ଲକରେ କେବଳ ୫ରୁ ୬ହଜାର ହେକ୍ଟର ଜମିରେ ଆଖୁ ହେଉଥିଲା। ଏବେ ୧୪ଗୋଟି ଯାକ ବ୍ଲକରେ ମାତ୍ର ଦେଢରୁ ୨ହଜାର ହେକ୍ଟର ପୁରୁନଥିବା ଜଣାପଡ଼ିଛି। ଏହା ପଛରେ ଯଦିଓ ଅନେକ କାରଣ ଦର୍ଶାଯାଉଛି କିନ୍ତୁ ଉପଯୁକ୍ତ ବଜାର ଅଭାବ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଯେଉଁଥିପାଇଁ ଆଖୁ ଚାଷୀ ମାନେ ଏହି ଚାଷ ଭାଙ୍ଗି ବିକଳ୍ପ ଚାଷ ଆରମ୍ଭ କରିଲେଣି। ଜିଲ୍ଲାର ୧୪ଗୋଟି ବ୍ଲକ ମଧ୍ୟରୁ ମୁଖ୍ୟତଃ ମାହାଙ୍ଗା, ନିଶ୍ଚିନ୍ତକୋଇଲି, କଟକ ସଦର, ନିଆଳି, ସାଲେପୁର ଆଦି ଅଞ୍ଚଳରେ ଆଖୁଚାଷ ବ୍ୟାପକ ହୋଇଆସୁଥିଲା। ଜିଲ୍ଲାରେ ଗତ ୩-୪ବର୍ଷ ପୂର୍ବରୁ ପ୍ରାୟ ୧୮୭୪୬୦କ୍ୱିଣ୍ଟାଲ ଆଖୁ ଉତ୍ପାଦନ ହେଉଥିଲା। ହେକ୍ଟର ପ୍ରତି ଏହାର ଉତ୍ପାଦନ ୬୫୦କ୍ୱିଣ୍ଟାଲ ଥିଲା। ୨୦୨୦-୨୧ରେ ୨୭୨୬ହେକ୍ଟରକୁ ଖସିଥିଲା ଚାଷ। ଯେଉଁଥିରୁ ୧୬୦୬୯୮ କ୍ୱିଣ୍ଟାଲ ଆଖୁ ଉତ୍ପାଦନ ହୋଇପାରିଥିଲା। ହେଲେ ହେକ୍ଟର ପ୍ରତି ଆଖୁ ଉତ୍ପାଦନ ହ୍ରାସ ପାଇ ୫୮୯କ୍ୱିଣ୍ଟାଲ ରହିଥିଲା। ୨୦୨୧-୨୨ରେ ଚାଷ ୨୩୮୩ହେକ୍ଟରରେ ହୋଇଥିଲା। ତେବେ ଉତ୍ପାଦନ କିନ୍ତୁ ହେକ୍ଟର ପ୍ରତି ୮୫୦କ୍ୱିଣ୍ଟାଲକୁ ବୃଦ୍ଧି ପାଇଥିଲା। ଏହା ସତ୍ତ୍ୱେ ଆଖୁ ଚାଷ ପରିସର କିନ୍ତୁ କମିକମି ଚାଲିଥିଲା। ଚଳିତବର୍ଷ ମାତ୍ର ଦେଢ ହଜାର ହେକ୍ଟରର ଆଖୁ ଚାଷ ହୋଇଥିବା ଜଣାପଡ଼ିଛି। ଚାଷୀଙ୍କ କହିବାନୁସାରେ ଏହି ଚାଷ ଏକ ଅର୍ଥକାରୀ ଫସଲ ହୋଇଥିଲେ ହେଁ ଶ୍ରମିକ ସମସ୍ୟା ଚିନ୍ତାର କାରଣ ହୋଇଥିଲା। ଯେଉଁଥିପାଇଁ ଚାଷ କରିବା କଷ୍ଟକର ହୋଇପଡ଼ିଥିଲା।

ବିଭିନ୍ନ ସ୍ଥାନରେ ରହିଥିବା ଚିନିକଳ ବନ୍ଦ ହୋଇଯିବା କାରଣରୁ ଚାଷୀଙ୍କ ପାଇଁ ବଜାର ଅଭାବ ରହିଥିବା ହେତୁ ଚାଷ ବୁଡିବାକୁ ବସିଥିବା ଚାଷୀ କୁହନ୍ତି। ଜିଲ୍ଲାରେ ସାଧାରଣତଃ ଶକ୍ତି ସୁଗାର ପକ୍ଷରୁ ଚାଷୀଙ୍କ ସହ ଏଗ୍ରିମେଣ୍ଟ ପୂର୍ବକ ଚାଷ କରାଯାଇଥାଏ। ଚାଷୀଙ୍କୁ ବିହନ, ସାର ଓ କୀଟନାଶକ ଯୋଗାଇବା ପରେ ଉତ୍ପାଦିତ ଆଖୁ କମ୍ପାନୀ ନେଇଥାଏ। ଯେଉଁମାନେ ଏହି ଏଗ୍ରିମେଣ୍ଟ ନକରି ଚାଷ କରିଥାନ୍ତି ସେମାନେ ଯେକୌଣସି ଚିନିକଳକୁ ଆଖୁ ବିକ୍ରି କରିଥାନ୍ତି। କେତେକ ଚିନି କଳ ବନ୍ଦ ଓ ବଜାର ଅଭାବ ପାଇଁ ଚାଷୀ ମାନେ ଆଖୁ ବଦଳରେ ଅନ୍ୟ ଚାଷ କରିଲେଣି।



## ପେନ୍‌ସନର୍ସଙ୍କ ବିଭିନ୍ନ ଦାବି ସମ୍ପର୍କିତ ଆଲୋଚନା




**କଟକ, ୧୪।୨(ସମିସ):** ସାଧାରଣ ବୀମା ପେନ୍‌ସନର୍ସ ସଂଘ ପକ୍ଷରୁ ସଭାପତି ଏମ୍‌ଏଏ ବେ଼ଗଙ୍କ ସଭାପତିତ୍ୱରେ ବକ୍ସିବଜାର ସ୍ଥିତ ୱାଇଏମସିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଫେଡେରେସନର ସାଧାରଣ ସଚିବ ଉଦୟନ ବାନାର୍ଜୀଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ସାଧାରଣପେନସନର୍ସମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ୨୦୪୭ ସୁଦ୍ଧା ସମସ୍ତଙ୍କୁ ବୀମାଭୁକ୍ତ କାର୍ଯ୍ୟକାରୀ କରିବାକୁ ହେଲେ ରାଷ୍ଟ୍ରାୟତ ସାଧାରଣ ବୀମା କମ୍ପାନୀମାନଙ୍କର ସୁଦୃଢ଼ିକରଣ ହେବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହିତ ୧୯୯୫ ମସିହାରୁ ବୀମା ଶିଳ୍ପରେ ପେନସନ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଦୀର୍ଘ ୨୮ ବର୍ଷ ଧରି ମୂଳ ପେନସନରେ ସଂଶୋଧନ କରାଯାଇନାହିଁ। ଏହି ସମୟ ମଧ୍ୟରେ ୫ ଥର ବୀମା କର୍ମଚାରୀଙ୍କ ବେତନରେ ସଂଶୋଧନ କରାଯାଇଛି। ଯାହାଦ୍ୱାରା ୧୯୯୫ ଓ ୨୦୨୨ ମସିହାରେ ଅବସର ନେଇଥିବା ପେନ୍‌ସନରଙ୍କ ପେନ୍‌ସନରେ ତାରତମ୍ୟ ପରିଲକ୍ଷିତ ହୋଇଛି। ବ୍ୟାଙ୍କ ଏବଂ ଜୀବନ ବୀମା ନିଗମ କ୍ଷେତ୍ରରେ ପାରିବାରିକ ପେନସନ ୩୦ପ୍ରତିଶତକୁ ବୃଦ୍ଧି ହୋଇଥିବା ବେଳେ ସାଧାରଣ ବୀମା ପେନସନରମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି ଉପସ୍ଥିତ କର୍ମକର୍ତ୍ତା ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ସଭାରେ ମଧୁସୂଦନ ସ୍ୱାଇଁ, ରମେଶ ସାହୁ, ଜାନକୀବଲ୍ଲଭ ମହାପାତ୍ର, ବିଶ୍ୱନାଥ ମଲ୍ଲିକ, ପ୍ରଦୀପ ଦାସ, ଅଶୋକ ବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଯଶୋଦା ନନ୍ଦନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥଲେ। ସାଧାରଣ ସମ୍ପାଦକ ବିଜୟ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରବୀନ୍ଦ୍ରନାଥ ସିଂହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ।

ସକାଳ THE SAKALA



www.sakalaepaper.com

## ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

**ଫୁଲନଖରା,୧୪।୨(ସମିସ):** କଟକ ଗୋପାଳପୁର ମଧ୍ୟରେ ଥିବା ବାଲକୁଦା ନିକଟସ୍ଥ ରେଳ ଷ୍ଟେସନ୍ ନିକଟରେ ଚଳନ୍ତା ଟ୍ରେନ୍ ଆଗକୁ ଆସି ଜଣେ ଅଜଣା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ଚଳନ୍ତା ଟ୍ରେନ୍ ଆଗକୁ ପଶି ଆସିବା ଫଳରେ ଟ୍ରେନ୍‌ରେ ମାଡ ହୋଇ କଡକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ବୟସ ୬୫ରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଦିନ ପ୍ରାୟ ସାଢ଼େ ବାରଟା ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଥିବାର ଜିଆରପି ଥାନା ଏସ୍ଆଇ ପରମାନନ୍ଦ ବେହେରା ସୂଚନା ଦେଇଛନ୍ତି। ଖବର ପାଇ ଶ୍ରୀ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ନିକଟରୁ ଏକ ଚଦର ଓ ଗାମୁଛା ଥିବା ବ୍ୟାଗଟିକୁ ଜବତ କରିବା ସହ ମୃତ ଶରୀରକୁ ବଡ଼ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ନଦୀବନ୍ଧ ରାସ୍ତା ଶିଳାନ୍ୟାସ କଲେ ବିଧାୟକ

# ୫୦ କୋଟି ବ୍ୟୟରେ ନିର୍ମାଣ ହେବ ୩୫ କିମି ରାସ୍ତା

**କିଶନନଗର,୧୪।୨(ସମିସ)**



କଟକ ସଦର ଅଞ୍ଚଳର ବିକାଶର ଧାରା ଆଗେଇ ଚାଲିଥିବା ବେଳେ ଆଜି ବୁଧବାର ମହାନଦୀ ଦକ୍ଷିଣ ପାଶ୍ୱର୍ ନଦୀବନ୍ଧ କଟକ ଗାନ୍ଧିପଲ୍ଲୀ ଠାରୁ ତାରପୁର ପର୍ଯ୍ୟନ୍ତ ୫୦କୋଟି ବ୍ୟୟ ଅଟକଳରେ ୩୫ କିଲୋମିଟର ମହାନଦୀ ବନ୍ଧ ରାସ୍ତାର ଶିଳାନ୍ୟାସ କରାଯାଇଛି। କିଶନନଗର ହାଇସ୍କୁଲ ଖେଳ ପଡିଆ ଠାରେ। ଏହାଦ୍ୱାରା ସଦର ଅଞ୍ଚଳର ଗତିରାଉତପାଟଣା, ନିମେଇସାପୁର, ଆୟତପୁର, ବାରଦା, କିଶନନଗର, ଯଶପଡା, ଅରିଲୋ, ଇସାଣିବ୍ରହ୍ମପୁର, ଶିର୍ଲୋ, ପ୍ରହରାଜପୁର, ଆଦି ପ୍ରମୁଖ ପଞ୍ଚାୟତର ଜନସାଧାରଣ ଏହି ରାସ୍ତାରେ ଉପକୃତ ହେବେ। ବହୁତ ଦିନ ଧରି ଏହି ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ଅଞ୍ଚଳବାସୀଙ୍କ ଦାବି ପରେ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରାଙ୍କ ଉଦ୍ୟମରେ ଏହା ଆଜି ସମ୍ଭବ ହୋଇପାରିଛି ବୋଲି ସଦର ଅଞ୍ଚଳ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏକ ବାଇକ ରାଲିରେ ବିଧାୟକ ଚନ୍ଦ୍ର ସାରଥି ବେହେରା ଆସି ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲୀ, ୬ନଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ୨୮ନଂ ଜିଲ୍ଲାପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ୨୫ନଂ ଜିଲ୍ଲାପରିଷଦ ସଭ୍ୟ ବିଳାଶ କୁମାର ଭୋଇ, ଯୋଗଦେଇଥିବା ବେଳେ ଯୁବ ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଇଲାବତୀ ବିଶୋଇ, ସୁରେଶ ବିଶୋଇ, ସମର ବେହେରା, ରଜନୀକାନ୍ତ ସାହୁ, ରମେଶ ଚନ୍ଦ୍ର ସାହୁ, ରତ୍ନାକର ରାଉତ, ଚିତ୍ତରଞ୍ଜନ ବେହେରାଙ୍କ ସହିତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବିଜୁପ୍ରେମୀ ଓ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ଯୋଗଦେଇଥିଲେ।

## ପୋଖରୀରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୧୪।୨(ସମିସ):** ଚନ୍ଦ୍ରାଦେଇପୁର ପଞ୍ଚାୟତ ବେଲପୋଖରୀରେ ଆଜି ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବାର ଖବର ପାଇ ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଭାସୁଥିବା ମୃତଦେହକୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସାଲେପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଅଦ୍ୟାବଧି ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିନାହିଁ। ମୃତ ବ୍ୟକ୍ତିଙ୍କର ଆନୁମାନିକ ବୟସ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଲୋକଜଣଙ୍କର ଅଦ୍ୟାବଧି କୌଣସି ପରିଚୟ ମିଳି ନ ଥିବାବେଳେ ସାଲେପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି।

## ଜଳିଗଲା ୩ ବଖରା ଘର

**ଟାଙ୍ଗୀ,୧୪।୨(ସମିସ):** ବୁଧବାର ସନ୍ଧ୍ୟାରେ ଗରୁଡ଼ଗାଁ ପଞ୍ଚାୟତ ପାତାଳସିଙ୍ଗଡ଼ା ବସ୍ତିରେ ଅଗ୍ନିକାଣ୍ଡ ଘଟି ଅଚ୍ୟୁତାନନ୍ଦ ଭୋଇଙ୍କ ୩ ବଖରା ଚାଳଘର ଜଳିପୋଡ଼ି ପାଉଁଶ ହୋଇଯାଇଛି। ଚୌଦ୍ୱାରରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କଲାବେଳକୁ ଘର ମଧ୍ୟରେ ଥିବା ଲୁଗାପଟା ଓ ଧାନ ଚାଉଳ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ ପହଞ୍ଚି ପୀଡିତ ପରିବାରକୁ ସମବେଦନା ଜଣାଇଛନ୍ତି। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ।

## ଟ୍ରକ୍ ଓଲଟି ଜଣେ ମୃତ, ଡ୍ରାଇଭର ଗୁରୁତର

**ଆଠଗଡ଼,୧୪।୨(ସମିସ):** ଆଜି ଆଠଗଡ଼ ଥାନା ଅନ୍ତର୍ଗତ ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ଓଲଟି ଜଣେ ମୃତ ଏବଂ ଟ୍ରକ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ପାରାଦୀପରୁ କୋଇଲା ନେଇ ଟାଙ୍ଗୀ ଚୌଦ୍ୱାରରେ ଅନଲୋଡ କରି ଏକ ଟ୍ରକ୍ ଡାଉନ୍ ଭଡା ଆଇରନ ନେବାକୁ ଢେଙ୍କାନାଳ ଯିବା କଥା। ମାଲିକ ବିନା ଜାଣିବାରେ ଗାଡ଼ିରେ ଚୂନ ବୋଝେଇ କରି ନରସିଂହପୁର ଆଡକୁ ଯାଉଥିବା ବେଳେ ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଭିତରେ ଚାପି ହୋଇ ଗାଡ଼ିର ହେଲପର ଜଗତସିଂହପୁର ଜିଲ୍ଲା ହାତିଆପାଳ ଅଞ୍ଚଳର ସପନ ମଣ୍ଡଳଙ୍କ ପୁଅ ଶମ୍ଭୁ ମଣ୍ଡଳଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଡ଼ିର ଡ୍ରାଇଭର ପ୍ରଳୟ ମିଶ୍ର ଗୁରୁତର ହୋଇ ଆଠଗଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଘଟଣାସ୍ଥଳରେ ଆଠଗଡ଼ ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଚାପି ହୋଇ ରହିଥିବା ଶମ୍ଭୁ ମଣ୍ଡଳଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ଅଯୋଧ୍ୟାରୁ ଫେରିଲେ ବାଙ୍କୀର ଶ୍ରଦ୍ଧାଳୁ

**ବାଙ୍କୀ,୧୪।୨(ସମିସ):** ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ତତ୍ତ୍ୱବଧାନରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ପ୍ରଥମ ଦଳ ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କରି ଫେରିଆସିଛନ୍ତି। ଏହି ଦଳରେ ସୁନୀଲ ସାହୁ, ନିରୋଜ ସାହୁ, ଜଗନ୍ନାଥ ନାୟକ, ସର୍ବେଶ୍ୱର ସାହୁ, ନୃସିଂହ ରାଉତ, ମୁନା ପୃଷ୍ଟି, ରାଜା ସ୍ୱାଇଁ, ଆଲୋକ ବେହେରା, ସଦାଶିବ ମହାନ୍ତି, ସନ୍ତ ସ୍ୱାଇଁ, ସୁଜାତା ପରିଡା ଓ ଦୀପକ ସାହୁଙ୍କ ସମେତ ବହୁ ରାମଭକ୍ତ ଦର୍ଶନ କରି ଫେରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**କଟକ,୧୪।୨(ସମିସ):** କଟକ ଜିଲ୍ଲା ମାହାଙ୍ଗା କୋଟପଡ଼ା ଜିଲ୍ଲାରେ ଥିବା ରଘୁନାଥ ବିଦ୍ୟାପୀଠରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବଟ କିଶୋର ପଣ୍ଡା, କ୍ଷୀରୋଦ ପତି, ଦୁଷ୍ମନ୍ତ ମହାନ୍ତି, ଶାନ୍ତିଲତା ଦେଈଙ୍କ ସମେତ ୧୯୯୧ ବ୍ୟାଚର ଛାତ୍ରଛାତ୍ରୀ ରମେଶ ଚନ୍ଦ୍ର ସେଠୀ, ବିଶ୍ୱରଞ୍ଜନ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ଭବାନୀ ଶଙ୍କର ମହାପାତ୍ର, ଅଶୋକ ବେହେରା, ମାୟାଧର ସାହୁ, ସୁକାନ୍ତ ମଲ୍ଲିକ, ପ୍ରଭାତ ପୃଷ୍ଟି, ଅକ୍ଷୟ ରାଉତ, ଉମାକାନ୍ତ ରାଉତ, ନିରଞ୍ଜନ ବିହାରୀ, ଅଶୋକ ସାମଲ, ଅଭିମନ୍ୟୁ ପଣ୍ଡା, ପ୍ରଶାନ୍ତ ବେହେରା, ସ୍ମିତା ମହାନ୍ତି, ସେବତୀ ମୁଦୁଲି, ହରପ୍ରିୟା ପଣ୍ଡା, ଅଞ୍ଜନା ରାଉତ, ମାନିନୀ ସାହୁ, ଆରତୀ ମହାନ୍ତି ଓ ଲିଲି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



**ମାହାଙ୍ଗା,୧୪।୨(ସମିସ):** ପ୍ରାକ୍ତନ ରାଜସ୍ୱ ନିରୀକ୍ଷକ ବଟକୃଷ୍ଣ ସାହୁ, ସମାଜସେବୀ ଭିକାରୀ ଚରଣ ମହାନ୍ତି ଓ ନାଟ୍ୟ ନିର୍ଦ୍ଦେଶକ ରମାକାନ୍ତ ସ୍ୱାଇଁଙ୍କୁ ଏରକଣା ଶିକ୍ଷା ପରିସର ମଧ୍ୟରେ ଥିବା ରାମଚଣ୍ଡି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାମଚଣ୍ଡି ନୋଡାଲ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆବାହକ ତଥା ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ପ୍ର. ଯୁଧିଷ୍ଠିର ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ରାମଚଣ୍ଡି ବିଦ୍ୟାଳୟର ପୁରାତନ ଛାତ୍ର ପାନୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରାକ୍ତନ ଏକ୍‌ଜ୍ୟୁଟିଭ୍ ଅଫିସର ଇଂ. ସହଦେବ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଏକାଦଶୀ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ହରିବନ୍ଧୁ ରାଉତ, ଆବାହକ ନଳିନିକାନ୍ତ ନାୟକ, ଜାନକୀବଲ୍ଲଭ ସ୍ୱାଇଁ, ଭାସ୍କରଚନ୍ଦ୍ର ପ୍ରଧାନ, ବ୍ରଜକିଶୋର ମହାନ୍ତି, ସରୋଜ ଜେନା, ବୀରବର ଖଟୁଆ, ବଂଶୀଧର ରାଉତ, ସରୋଜ ଜେନା, ପ୍ରଦୀପ୍ତ ସ୍ୱାଇଁ, ନିରଞ୍ଜନ ମହାନ୍ତି, ବାବାଜୀ ଚରଣ ଦାସ, ସାମ୍ବାଦିକ ବିଜୟ କୁଅଁର, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏ ଅଞ୍ଚଳର ୩ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର କୃତି ଓ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଶରତଚନ୍ଦ୍ର ରଥ ବେଦପାଠ କରିଥିଲେ।

## ଓଡ଼ିଆ ଭାଷା ସୁରକ୍ଷାରେ ବିଦ୍ୟାର୍ଥୀଙ୍କ ଭୂମିକା ସଂକ୍ରାନ୍ତ ଆଲୋଚନା

**ନିଶ୍ଚିନ୍ତକୋଇଲି,୧୪।୨(ସମିସ):** ମଣିଜଙ୍ଗ ଠାରେ ଥିବା ଭଗବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ବ୍ୟାପକ ସଚେତନତା କରାଯାଇଛି। ଛାତ୍ରୀମାନଙ୍କ ମଧ୍ୟରେ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଉଦଯାପନୀ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ବେଦବ୍ରତ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱଜିତ ମହାନ୍ତି, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ଅଧ୍ୟାପିକା ମାନସୀ ରାଉତରାୟ, ଅଧ୍ୟାପକ ଆଶିଷ ପରିଡ଼ା, ଅଧ୍ୟାପିକା କଳ୍ପନା ମହାନ୍ତି, ଅଧ୍ୟାପକ ବିକାଶ ଚନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇଥିଲେ। ସତ୍ୟନାରାୟଣ ବରାଳ, ସରୋଜ କୁମାର ସିଂଙ୍କ ସମେତ ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




### ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଗଣ୍ଡରପୁରକୁ ହରାଇ ବିଳାଶୁଣୀ ଚାମ୍ପିଅନ




**ଫୁଲନଖରା,୧୪।୨(ସମିସ):** କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ପୁରୁଣା କାଚରାମାଳ ଗ୍ରାମରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିଶ୍ଚର ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଓ ଏଭରଗ୍ରୀନ୍ କ୍ଲବ ବିଳାଶୁଣି ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିବା ବେଳେ ବିଳାଶୁଣୀ ଦଳ ଗଣ୍ଡରପୁର ଦଳକୁ ୨-୧ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ପୂର୍ବତନ କର୍ପୋରେଟର ସୁକାନ୍ତ ଭୋଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଟକ କମିଶନରରେଟ୍ ପୁଲିସର ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଅତିରିକ୍ତ ଡିସିପି ଦେବଦତ୍ତ କର, ମୁଖ୍ୟଅତିଥି ଓ ପାହାଳ ଥାନା ଭାରପ୍ରାପ୍ତ ଅଧିକାରୀ ବିୟୁଟି ମହାନ୍ତି, ପୂର୍ବତନ କର୍ପୋରେଟର କୌଶିକ ଜେନା, ଗ୍ରାମ୍ୟ ସଭାପତି ଭକ୍ତବନ୍ଧୁ ବରାଳ, ସମାଜସେବୀ ପ୍ରଶାନ୍ତ ମହାନ୍ତି, ବସନ୍ତ ସାହୁ ଓ ସୁଧାକର ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତ୍ୟେକ ମ୍ୟାଚ୍‌କୁ ଦିବ୍ୟଜ୍ୟୋତି ଦାସ, ବ୍ରହ୍ମାନନ୍ଦ ଭୋଇ ଓ ଲକି ସାହୁ ପରିଚାଳନା କରିଥିବା ବେଳେ ରବି ଭୋଇ, ଭାଗିରଥି ଜେନା, ବିଶ୍ୱଜିତ୍ ଭୋଇ, ଭାଗିରଥି ଭୋଇଙ୍କ ସମେତ ଶନିଶ୍ଚର ୟୁଥ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କୃତ୍ରିମ ବୁଦ୍ଧିମତା ଶୀର୍ଷକ ଆଲୋଚନାଚକ୍ର




**ବାଙ୍କୀ,୧୪।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟ ଶ୍ରାବ ଗୃହଠାରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ୍ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଆନୁକୂଲ୍ୟରେ ଏକ ଆଞ୍ଚଳିକସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। 'କୃତିମ ବୁଦ୍ଧିମତା' ଶୀର୍ଷକ ଆଲୋଚନା ଚକ୍ର ସହିତ ଛାତ୍ରଛାତ୍ରୀମାନଙ୍କ ଡିଜିଟାଲ୍ ଯୁଗରେ କିପରି ସେମାନଙ୍କର ବୁଦ୍ଧିମତା ବଢ଼ିପାରିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉକ୍ତ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ୍ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ସହକାରୀ ପ୍ରଫେସର ପ୍ରଶାନ୍ତ କୁମାର ରାଉତ ଓ ମାର୍କେଟିଙ୍ଗ୍ ଏକ୍‌ଜୁଟିଙ୍ଗ୍ ପରଭେଜ୍ ଖାନ୍ ଯୋଗଦେଇ କମ୍ପ୍ୟୁଟର ମାଧ୍ୟମରେ ଉପାଦେୟ ବୁଦ୍ଧି ପ୍ରୟୋଗର ମାନ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ମୁକ୍ତିପଦ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ୟାମଲାଲ୍ ଭୋଏ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ନିଆଳି,୧୪।୨(ସମିସ):** ନିଆଳି ବ୍ଲକ୍ ଅନ୍ତର୍ଗତ ପୋଖରୀଗାଁ ପଞ୍ଚାୟତ ଖରିଗର ଖେଳପଡ଼ିଆରେ ମା' ବଟମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କ୍ରିକେଟ୍ କ୍ଲବ୍ ଓ ବିଶ୍ୱଜିତ୍ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ପ୍ରଥମେ ମହାଦେବ କ୍ରିକେଟ୍ କ୍ଲବ୍ ଟସ୍ ଜିତି ଖରିଗର କ୍ରିକେଟ୍ କ୍ଲବ୍‌କୁ ବ୍ୟାଟିଂ ପାଇଁ ଆହ୍ୱାନ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଖରିଗର କ୍ରିକେଟ୍ ଦଳ ୯ ୱିକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ମହାଦେବ କ୍ରିକେଟ୍ କ୍ଲବ୍ ୭ ଓଭରରେ ୩ଟି ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା। ଆୟୋଜକ ଦଳର ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବକୁ ରାକେଶ ବେହେରା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଶଶିକାନ୍ତ ଲେଙ୍କା, ସମ୍ମାନୀତ ଅତିଥି ଭାବେ ନିଆଳି ବ୍ଲକ୍ କଂଗ୍ରେସ ସଭାପତି ସୌଭାଗ୍ୟ ରଞ୍ଜନ ବସ୍ତିଆ ଓ ସମାଜସେବୀ ସଂଗ୍ରାମ ପ୍ରଧାନ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଶକ୍ତିସାଇ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ସମ୍ମାନ




**ସାଲେପୁର,୧୪।୨(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ରାଇସୁଙ୍ଗୁଡ଼ାଠାରେ ଶକ୍ତିସାଇ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ କେବିକେକୁ ଛାଡିଦେଲେ ଏହି ହସ୍ପିଟାଲକୁ ପ୍ରଥମ ବା ଶ୍ରେଷ୍ଠ ବିବେଚିତ କରାଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଖୁସୀର ଲହରି ଖେଳାଇଦେଇଛି। ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ଅଧୀନରେ ଥିବା ହିତାଧିକାରୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଅର୍ଜନ କରି ସୁନାମ ଅର୍ଜନ କରିଥିବାରୁ ଶକ୍ତିସାଇ ହସ୍ପିଟାଲକୁ ଏହି ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଦିନ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସ୍ୱାସ୍ଥ୍ୟକଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଲିନୀ ପଣ୍ଡିତ ଶକ୍ତି ସାଇ ହସ୍ପିଟାଲର ସତ୍ତ୍ୱାଧିକାରୀ ସନ୍ତୋଷ ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ ରଶ୍ମିରେଖା ସ୍ୱାଇଁଙ୍କୁ ପ୍ରମାଣପତ୍ର, ଟ୍ରଫି ଆଦି ପ୍ରଦାନ କରି ସମ୍ମାନିତ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ହୋଇଥିବା ସମସ୍ତଙ୍କ ସହିତ ମିଶି ସମୂହ ଫଟୋ ଉତ୍ତୋଳନ କରିବା ସହ ନିରନ୍ତର ଭାବେ ଏଭଳି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଏସ୍‌କେୱାଇର ମୁଖ୍ୟ ଡଃ ବୃନ୍ଦା ଡି. ଉପସ୍ଥିତ ଥିଲେ। ଶକ୍ତି ସାଇ ହସ୍ପିଟାଲକୁ ସମ୍ମାନିତ କରାଯାଇଥିବାରୁ ସତ୍ତ୍ୱାଧିକାରୀ ସନ୍ତୋଷ ମହାନ୍ତି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା


ଟାଙ୍ଗୀ


କଟକ

**ବାଙ୍କୀ,୧୪।୨(ସମିସ)**

ବାଙ୍କୀର ବିଭିନ୍ନ ଅନୁଷ୍ଠାନ

ଆଜି ପବିତ୍ର ଶ୍ରୀ ପଞ୍ଚମୀ ଅବସରରେ ବାଙ୍କୀର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ଆଦି ପରିସରରେ ଜଗତଜନନୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଣୀ ଶୁକଦେଈ ଛାତ୍ରୀ ନିବାସ, ମା'ଚର୍ଚ୍ଚିକା ଛାତ୍ରୀ ନିବାସ ଓ ଲକ୍ଷ୍ମୀନାରାୟଣ ମୋଦୀ ଛାତ୍ରବାସ ସମେତ ବିଭିନ୍ନ ବିଭାଗରେ ମା'ଙ୍କୁ ପୂଜା କରାଯାଇଛି। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପୂଜାମଣ୍ଡପ ପରିଦର୍ଶନ କରିଥିଲେ। ଏହି ପୂଜାର୍ଚ୍ଚନାରେ ସୁଶ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ନୀଳପଲ୍ଲବୀ ଗୋଛି, ସ୍ୱାଗତିକା ସାହୁ, ସୋନାଲିକା ସାହୁ, ଶୀତଲ ସାହୁ ପ୍ରମୁଖ ଛାତ୍ରୀମାନେ ସହଯୋଗ କରି ପରିଚାଳନା କରିଥିଲେ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ପରିସରରେ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ମହାସମାରୋହରେ ପାଳିତ କରାଯାଇଛି।

**ଟାଙ୍ଗୀ :** ସାରା ଓଡ଼ିଶାରେ ସବୁ ସ୍ଥାନରେ ଆଜି ମା ସରସ୍ୱତୀଙ୍କ ପୂଜା ହୋଇଯାଇଛି। ସେହି କ୍ରମରେ ଟାଙ୍ଗୀ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ, ବ୍ୟବସାୟୀକ ପ୍ରତିଷ୍ଠାନ, ଯୁବକ ସଂଘ ଆଦି ସ୍ଥାନରେ ମା' ସରସ୍ୱତୀଙ୍କ ପୂଜା ହୋଇଯାଇଛି। ଏହି ଅବସରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଞ୍ଜୁଆ ବିଶ୍ୱନାହାକାଣୀ ଠାରେ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ସରସ୍ୱତୀ ପୂଜା ହୋଇଥିଲା। ଅତିଥିଭାବେ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ପୂଜାର୍ଚ୍ଚନା କରିଥିଲେ। ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

**କଟକ:** କଟକ ସଦର ବ୍ଲକ ଅଞ୍ଚଳର କନ୍ଦରପୁର ଅଞ୍ଚଳରେ ବହୁ ଆଡମ୍ବରପୂର୍ଣ୍ଣ ଭାବରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହିସବୁ ଅଞ୍ଚଳରେ ବିଭିନ୍ନ ସ୍କୁଲ ଓ କଲେଜରେ ଯଥା କନ୍ଦରପୁର ପଞ୍ଚାୟତର ଗୋପାଳ ସ୍ମୃତି ବିଦ୍ୟାପୀଠ ଓ ଅଥଙ୍ଗା ସ୍ଥିତ ଚିନ୍ତାମଣି ବାଳିକା ଉଚ୍ଚ ବିଦ୍ୟାଳୟ, ଫକିରପଡ଼ା ସ୍ଥିତ ବରୁଣେଇ ବିଦ୍ୟାପୀଠ, ବିରିବାଟି ସ୍ଥିତ ରତ୍ନାକର ବିଦ୍ୟାପୀଠ, ପରମହଂସ ପଞ୍ଚାୟତର ହଂସନାଥ ବିଦ୍ୟାପୀଠ, ଆୟତପୁର ସ୍ଥିତ ଆୟତପୁର ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା ପାଳନ ହେବା ସହିତ ସଦର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ କନ୍ଦରପୁର କଲେଜରେ ମଧ୍ୟ ପୂଜା ପାଳିତ ହୋଇଯାଇଛି। ପ୍ରତ୍ୟେକ ସ୍ଥାନରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ।

**ସାଲେପୁର :** ଆଜି ସାଲେପୁର ଅଞ୍ଚଳର ସମସ୍ତ ସରକାରୀ ବେସରକାରୀ ସ୍କୁଲ କଲେଜରେ ଓ ବିଭିନ୍ନ ଅନୁଷ୍ଠାନମାନଙ୍କରେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ଯଥାବିଧିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଲେପୁରର ଗ୍ରାମଦେବତୀ ମା' ସାହେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ନୂତନ ଭାବେ ବିଦ୍ୟାଳୟରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲ, ସାବିତ୍ରୀ ଦେବୀ କଲେଜ, ନବପ୍ରଭାତ ଆଇଟିଆଇ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାଲେପୁର ହାଇସ୍କୁଲ, ରୋଧପୁର ସ୍କୁଲ, ଚନ୍ଦ୍ରାଦେଇପୁର ସ୍କୁଲ ସମେତ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟରେ ମା'ଙ୍କ ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସରସ୍ୱତୀ ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଆଜି ସରସ୍ୱତୀ ପୂଜା ଅବସରରେ ସମସ୍ତ ସ୍କୁଲ କଲେଜ ଉତ୍ସବ ମୁଖର ହୋଇଉଠିଥିଲା।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଟାଙ୍ଗୀ, ୧୪ ।୨(ସମିସ): ସଡ଼କ ଦୁର୍ଘଟଣା ଯୋଗୁଁ ଦେଢ଼ବର୍ଷ ତଳେ ପୁତ୍ର, ଶୋକରେ ମ୍ରିୟମାଣ ହୋଇ ୬ମାସ ତଳେ ପତ୍ନୀ ଓ ବୁଧବାର ଗୃହକର୍ତ୍ତା ପାଣିରେ ବୁଡ଼ି ମୃତ୍ୟୁବରଣ ଘଟଣା ଟାଙ୍ଗୀ ଥାନା ତଥା କୋଟସାହି ପଞ୍ଚାୟତ ରାମଗଡ଼ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ ରାମଗଡ଼ ବାସିନ୍ଦା କେଶବ ଜେନା (୬୫) ବୁଧବାର ଅପରାହ୍ନରେ ଘର ପାଖ ଗୋଡ଼ି ପୋଖରୀକୁ ଗାଧୋଇବାକୁ ଆସି ଆଉ ଫେରି ନ ଥିଲେ । ବଡ଼ ପୁଅ ଦିଲ୍ଲୀପ ବହୁ ଖୋଜାଖୋଜି ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଟାଙ୍ଗୀ ପୁଲିସକୁ ସୂଚନା ଦେଇଥିଲେ । ସନ୍ଧ୍ୟାରେ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର ପୂର୍ବକ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା । ପ୍ରକାଶ ଥାଉକି ସଡ଼କ ଦୁର୍ଘଟଣାର ଶିକାର ହୋଇ ଆଜକୁ ଦେଢ ବର୍ଷ ତଳେ ସାନପୁଅ ପ୍ରଦୀପ (୨୬) ମୃତ୍ୟୁବରଣ କରିଥିଲେ । ସେଥିରେ ମ୍ରିୟମାଣ ହୋଇ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତଥା ଆଜକୁ ୬ ମାସ ତଳେ ପତ୍ନୀ ଶଶୀ ଜେନା (୬୦) ଇହଲୀଳା ସମ୍ବରଣ କରିଥିଲେ । ଉକ୍ତ ପରିବାରର ଏଭଳି ଦୁଃଖଦ ଘଟଣା ଟାଙ୍ଗୀ ଅଞ୍ଚଳରେ ଆଲୋଚ୍ୟ ପାଲଟିଛି ।

## ଶ୍ରୀଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀର ବୈଠକ



ବାଙ୍କୀ, ୧୪।୨(ସମିସ): ଶ୍ରୀଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀ ବାଙ୍କୀ ଶାଖାର ଏକ ବୈଠକ ବାଙ୍କୀ ଏନ୍ଏସି ଅନ୍ତର୍ଗତ ରଣପୁରର ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କାଶିନାଥ ସେଠୀ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଆଶୋକ ଗିରି ଯୋଗଦାନ କରି ଆଗାମୀ ପବିତ୍ର ମାଘ ସପ୍ତମୀ ଅବସରରେ ମହାନଦୀରେ ଆଳତୀ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଏଥିସହିତ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାପାଇଁ ବୈଠକରେ ସ୍ଥିର କରାଯିବା ସହ ପୁରୀ ଗୋବର୍ଦ୍ଧନ ପୀଠ ଓ ପୁରୀ ମନ୍ଦିରର ସେବାୟତଙ୍କୁ ପୁରୀରେ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ଗିରି ପ୍ରକାଶ କରିଛନ୍ତି ।

## ଅଷ୍ଟପ୍ରହର ନାମଯଜ୍ଞରେ ଯୋଗଦେଲେ ବିଧାୟକ



ଟାଙ୍ଗୀ, ୧୪ ।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ କହ୍ନେଇପୁର ପଞ୍ଚାୟତ ଅନ୍ତର୍ଗତ ଚିନ୍ତାମଣିପୁର ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ବିଧାୟକ ପ୍ରଶାନ୍ତ ବେହେରା ସାମିଲ ହେବା ଚର୍ଚ୍ଚାକୁ ଆସିଛି । ସୂଚନା ଅନୁଯାୟୀ ଆଜକୁ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଚିନ୍ତାମଣିପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଓ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଆସୁଛି । ଗ୍ରାମବାସୀଙ୍କ ସହଯୋଗରେ ତଥା ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ପ୍ରାଙ୍ଗଣରେ ଆୟୋଜିତ ଉକ୍ତ ତ୍ରୟଦିବସୀୟ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିବାବେଳେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜନାର୍ଦ୍ଦନ ସାହାଣୀ, ମଦନମୋହନ ସାହାଣୀ, ପ୍ରତାପ ସାହୁ, ଧ୍ରୁବ ଚରଣ ସାହାଣୀ, କୃଷ୍ଣଚନ୍ଦ୍ର ବେହେରା, ଅତୁଲ୍ୟ ଷଡ଼ଙ୍ଗୀ ଓ ଗ୍ରାମବାସୀ ଅତିଥିଙ୍କୁ ସ୍ୱାଗତ କରିଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୪।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡ ଭୋଳ ଗ୍ରାମଦେବତୀ ମା'ଖଣ୍ଡୁଆଳ ଠାକୁରାଣୀଙ୍କ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞରେ ୧୨ତାରିଖରେ ଅଙ୍କୁରାରୋପଣ, ୧୩ରେ କଳସ ଯାତ୍ରା, ୧୪ତାରିଖ ଦିନ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ମା' ଖଣ୍ଡୁଆଳ ଠାକୁରାଣୀଙ୍କ କୃପା ଭିକ୍ଷା କରିଥିଲେ । ଏହି ଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଫୁଲ୍ଲ ମହାରଣା ଓ ସରୋଜିନୀ ଦାସ କାର୍ଯ୍ୟ ସମାପନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନିରଞ୍ଜନ ସ୍ୱାଇଁ, ବୀରବର ସ୍ୱାଇଁ, ଧରଣୀଧର ଓଝା, ଅଭିରାମ ନାୟକ, ବୈଷ୍ଣବ ଚରଣ ନାୟକ, ବିଭୂତିଭୂଷଣ ପାତ୍ର, ସାରଦାପ୍ରସନ୍ନ ନାୟକ, ପ୍ରହଲ୍ଲାଦ ମହାନ୍ତି, ବିଜୟ ନାୟକ, ସାମ୍ବାଦିକ ମନୋରଞ୍ଜନ ଭୂୟାଁଙ୍କ ସମେତ ସମସ୍ତ ଗ୍ରାମବାସୀ ଯୋଗଦାନ କରି ସହଯୋଗ କରିଥିଲେ ।

### ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟ

# ବିନା ସୀମା ନିର୍ଦ୍ଧାରଣରେ ପ୍ରାଚୀର ନିର୍ମାଣ

ମାହାଙ୍ଗା, ୧୪।୨(ସମିସ)



ମାହାଙ୍ଗା ବ୍ଲକ କୁଆଁପାଳ ବଣ୍ଡୁଆସ୍ଥିତ ମାହାଙ୍ଗା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟର ବିଦ୍ୟୁତ୍ ଷ୍ଟ୍ରକଚର ଚତୁଃପାର୍ଶ୍ୱରେ ଟିପିସିଓଡିଏଲ ପକ୍ଷରୁ ନୂତନ ପ୍ରାଚୀର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏବେ ବିଭାଗ ପକ୍ଷରୁ ସୀମା ନିର୍ଦ୍ଧାରଣ କରା ନ ଯାଇ ପୂର୍ବରୁ ଥିବା ପୁରୁଣା ପ୍ରାଚୀର ସୀମା ଠାରୁ ଭିତରକୁ ୧୦ରୁ ୧୫ ଫୁଟକୁ ଘୁଞ୍ଚାଇ ସ୍ଥାୟୀ ପ୍ରାଚୀରୀ ନିର୍ମାଣ କରାଯାଉଛି । ତେବେ ପ୍ରଶ୍ନ ଉଠୁଛି କାହା ସ୍ୱାର୍ଥରେ ୧୦ରୁ ୧୫ ଫୁଟ ଭିତରକୁ ପ୍ରାଚୀର ନିର୍ମାଣ କରାଯାଉଛି । ଏବେ ପ୍ରାଚୀର ନିର୍ମାଣ ହେଲେ ବିଦ୍ୟୁତ୍ ବିଭାଗର ୭ ଶହରୁ ୮ ଶହ ବର୍ଗ ଫୁଟ ଜାଗା କମିଯାଉଥିବାରୁ ଦେଖିବାକୁ ମିଳିଛି । ତେବେ କାହା ସ୍ୱାର୍ଥରେ ଏହି ଜାଗାକୁ ବିଦ୍ୟୁତ୍ ବିଭାଗ ଛାଡି ଦେଉଛି ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ପ୍ରକାଶ ଥାଉ କି ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ପ୍ରାଚୀର ନିର୍ମାଣ କରାଯାଇଥିବାବେଳେ ଏହା ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ବହୁ ମୂଲ୍ୟବାନ ଗଛ ରହିଛି । ଏବେ ପୁରୁଣା ପ୍ରାଚୀର ହୋଇଥିବା ସ୍ଥାନକୁ ଛାଡି ଭିତରକୁ ଘୁଞ୍ଚାଯାଇ ପ୍ରାଚୀର ନିର୍ମାଣ କରାଯାଉଛି । ଯାହା ଫଳରେ ଏହି ମୂଲ୍ୟବାନ ଗଛଗୁଡିକ ବାହରକୁ ରହୁଥିବାରୁ ପ୍ରାଚୀର ନିର୍ମାଣ ପରେ ଚୋରି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏପରି ପ୍ରାଚୀର ନିର୍ମାଣ ପଛରେ କି ରହସ୍ୟ ଲୁଚି ରହିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ତେଣୁ ବିଦ୍ୟୁତ୍ ବିଭାଗର ସୀମା ନିର୍ଦ୍ଧାରଣ କରାଯାଇ ପ୍ରାଚୀର ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି । ପ୍ରାଚୀର ଭିତରକୁ ଘୁଞ୍ଚାଇବା ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମାହାଙ୍ଗା ବିଧାୟକ, ଜିଲ୍ଲାପାଳ ଓ ତହସିଲଦାରଙ୍କ ନିକଟରେ ଦାବି ହୋଇଛି ।

## ବାଙ୍କୀ କଲେଜରେ ଶୁକଦେଇଙ୍କ ଶ୍ରାଦ୍ଧ ଦିବସ

ବାଙ୍କୀ, ୧୪।୨(ସମିସ): ଆଜି ବାଙ୍କୀ ରାଣୀ ଶୁକଦେଇଙ୍କ ୨୯୮ତମ ଶ୍ରାଦ୍ଧ ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ସ୍ଥାପିତ ବୀରାରାଣୀଙ୍କ ପ୍ରତିମୂର୍ତ୍ତିରେ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ବୀରାରାଣୀ ଦୟା ଓ କ୍ଷମାର ମୂର୍ତ୍ତିମନ୍ତ ପ୍ରତିକ ଭାବେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ପ୍ରଭାତ ବଳିୟାର ସିଂହ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ରାଣୀଙ୍କ ଯୁଦ୍ଧ ନୀତି ଓ ସହନଶୀଳତା ଉପରେ ଆଲୋକପାତ କରିଥିଲେ । ରଞ୍ଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବାର୍ଷିକୋତ୍ସବ



ଚୌଦ୍ୱାର, ୧୪।୨(ସମିସ)

ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୨୧ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ଡ. ଉତ୍ତମ ଚରଣ ସାହୁଙ୍କ ପୌରୋହିତ୍ୟରେ ହାଇସ୍କୁଲ ସଭା ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ଜିଏସ୍‌ଟି ପ୍ରିନ୍ସିପାଲ କମିସନର ପିୟୂଷ ପଟ୍ଟନାୟକ, ସାହିତ୍ୟିକ ଡ. ବୈଷ୍ଣବ ଚରଣ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟରେ ସାମଗ୍ରିକ ବିକାଶ ଦିଗରେ ପୁରାତନ ଛାତ୍ର ସଂସଦର ଭୂମିକା ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରି ଅନ୍ୟ ବିଦ୍ୟାଳୟ ଗୁଡ଼ିକର ପୁରାତନ ଛାତ୍ରଛାତ୍ରୀମାନେ ଏହାକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ପାଦକ ବିଶ୍ୱ କଲ୍ୟାଣ ଦାସ ବିବରଣୀ ପାଠ କରିଥିଲେ । ଏହି ଅବସରରେ କବୟିତ୍ରୀ ତରୁଣବାଳା ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବୃନ୍ଦାବନ ସାହୁ ଏବଂ ସମାଜସେବୀ ଶରତ କୁମାର ଖୁଣ୍ଟିଆଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । ନାରାୟଣ ସ୍ୱାଇଁ, ରଞ୍ଜନ ମହାନ୍ତି, ଯତୀନ୍ଦ୍ରନାଥ ପଣ୍ଡା, ପ୍ରଦୀପ ବେହେରା, ସୁଧାଂଶୁ ଦାସ, ଭଗବାନ ଭୂୟାଁ, ଶ୍ରୀନିବାସ ମହାନ୍ତି, ଯତିନ ରାଉତ, ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ପୁରାତନ ଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ରାଣୀ ଶୁକଦେଇଙ୍କ ଶ୍ରାଦ୍ଧ ଦିବସ ପାଳିତ

ବାଙ୍କୀ, ୧୪।୨(ସମିସ): ଆଜି ସନ୍ଧ୍ୟାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଣୀ ଶୁକଦେଇ ଛାତ୍ରୀ ନିବାସରେ ବୀରାରାଣୀ ଶୁକଦେଇଙ୍କ ୨୯୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପେଟନ୍ ଭବାନୀ ପ୍ରସାଦ ହୋତା, ମୁଖ୍ୟବକ୍ତା ଭାବେ ରାଣୀଶୁକଦେଇ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦେଇଥିଲେ । ପ୍ରତିକ୍ଷା ପାଲ୍ ଓ ନୀଳପଲ୍ଲବୀ ଗୋଛି ସେମାନଙ୍କର ବକ୍ତବ୍ୟରେ ରାଣୀ ଶୁକଦେଇ ଜଣେ ଅନନ୍ୟ ପ୍ରତିଭାଧାରୀ ରାଣୀ ଭାବେ ବର୍ଣ୍ଣନା କରିଥିଲେ । ଶେଷରେ ଛାତ୍ରୀ ନିବାସର ସହତତ୍ତ୍ୱାବଧାରିକା ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ବାଙ୍କୀ, ୧୪।୨(ସମିସ): ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ମା'ସରସ୍ୱତୀ ଏବଂ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିଙ୍କୁ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉନ୍ମୋଚନ କରିଥିଲେ । ଅପରାହ୍ନରେ ଏକ ସଭା ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀନିବାସ ବେହେରା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଗାଇଡ୍‌ର କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ସମ୍ମାନୀୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, ମୋ ସ୍କୁଲ କମିଟି ସମ୍ପାଦକ ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ବାଙ୍କୀ କ୍ରେଡିଟ୍ କୋଅପରେଟିଭ୍ ସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୋମନାଥ ଖଟୁଆ ସଭା ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଅଧ୍ୟାପକ ଡ. ବିବେକାନନ୍ଦ ସିଂହଙ୍କୁ ଆଦିନାଟ୍ୟକାର ଶିକ୍ଷା ସମ୍ମାନ

ମାହାଙ୍ଗା, ୧୪।୨(ସମିସ)

ଓଡ଼ିଶା ତଥା ମାହାଙ୍ଗା ମାଟିର ସୁପୁତ୍ର ଅଧ୍ୟାପକ ଡ. ବିବେକାନନ୍ଦ ସିଂହଙ୍କୁ ଆଦି ନାଟ୍ୟକାର ଶିକ୍ଷା ସମ୍ମାନ -୨୦୨୪ରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ, ନୂଆଦିଲ୍ଲୀ (ୟୁଜିସି)ଙ୍କ ପ୍ରଣୀତ ପିଏଚଡିର ନୂତନ ନିୟମ ଅନୁଯାୟୀ ରାଜନୀତି ବିଜ୍ଞାନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦର୍ଶନ ଓ ଭାବାର୍ଥ ଯାହାକି ସମାଜ, ରାଷ୍ଟ୍ର, ସରକାର ଓ ରାଜନୀତି ଉପରେ ପର୍ଯ୍ୟବେସିତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ ତମ ସମାବର୍ତ୍ତନ ଉତ୍ସବରେ ମହାମହିମ ଉପରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଡ. ସିଂହ ବହୁ ପ୍ରତିଭାର ଅଧିକାରୀ ୧୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହିତ ନିଜ ଚାଷ ଜମିରେ ଶ୍ରମିକଙ୍କ ସହିତ କାମ କରିବାକୁ ତଥା ଜଣେ କୃଷକ ଭାବରେ ଅଧିକ ଆତ୍ମସନ୍ତୋଷ ପାଇଥାନ୍ତି । ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ କଲେଜ, କନିମୂଳ ଓ ଜାତୀୟ କବି ବୀରକିଶୋର ସରକାରୀ କଲେଜ, କଟକ (ଇଗ୍ନୋର) ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଏବଂ କାଉନସିଲର ଭାବରେ କାର୍ଯ୍ୟରତ । ଡ. ସିଂହଙ୍କ ସାଧନାକୁ ସ୍ୱୀକୃତି ଜଣାଇ ମାନପତ୍ର ଓ ଉପଢ଼ୌକନ ଦେଇ ଆଦି ନାଟ୍ୟକାର ଜଗନ୍ମୋହନ ଲାଲାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଆଦି ନାଟ୍ୟକାର ଶିକ୍ଷା ସମ୍ମାନ -୨୦୨୪ରେ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ବିଧାୟକ ପ୍ରତାପ ଜେନା, ମାହାଙ୍ଗା ବ୍ଲକର ଚେୟାରମ୍ୟାନ ଦୀପା ମଲ୍ଲିକ, ସରପଞ୍ଚ ବେବିନା ଜେନା ଓ ସାମାଜିକ କର୍ମୀ ରଜନୀକାନ୍ତ ପରିଡ଼ା ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ତଥା ମାହାଙ୍ଗା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଥିଲା ।




# ଆନ୍ତଃଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ସାଲେପୁର, ୧୪ ।୨(ସମିସ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୩ ଦିନବ୍ୟାପୀ ଆନ୍ତଃଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଲେପୁର କଲେଜର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ର ସଭାପତିତ୍ୱ କରିଥିବାବେଳେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତୀବାଳା ପରିଜା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୫ଟି ମହାବିଦ୍ୟାଳୟରୁ ୧୧୦ଜଣ ଶିବିରାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ବ୍ରଜନାରାୟଣ ପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରୀତା ପଟେଲ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଦିନ ବିଭିନ୍ନ ବିଷୟରେ ପୂର୍ବତନ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ପତି, ଆଇଆଇସି ମନୋଜ ସ୍ୱାଇଁ, ନିଶା ନିବାରଣ ପ୍ରସାରକର୍ତ୍ତା ଇବ୍ରାହିମ୍ ଅଲ୍ଲୀ, ଡ. ରମେଶ ଚନ୍ଦ୍ର ପଣ୍ଡା, ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର, ଡ. ପ୍ରସନ୍ନ ମହାପାତ୍ର, ସୁଦର୍ଶନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସେକ୍ କଲିମୁଲ୍ଲା, ନମ୍ରତା ଚଢ଼ା, ନିରଦ ବରଣ ଖୁଣ୍ଟିଆ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଡ. ସୁଶାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟାପିକା ଆର୍ଯ୍ୟପୁତ୍ରୀ ସ୍ଥିତିପ୍ରଜ୍ଞା, ଡଃ ସୁଶାନ୍ତ ପାଢ଼ୀ, ପ୍ରଭାସିନୀ ଲେଙ୍କା, ତପସ୍ୱିନୀ ମହାପାତ୍ର, ସ୍ୱାତୀ ତନୟା ଆଚାରୀ, ରଞ୍ଜନ ସ୍ୱାଇଁ, ଡ. ଅମିତ୍ ପରିଜା, ପ୍ରଶାନ୍ତ ଜେନା, ଜୟବର୍ଦ୍ଧନ ଜେନା, ଯଜାତି ଲେଙ୍କା, ସତ୍ୟ ପଟ୍ଟନାୟକ, ସଞ୍ଜୟ ନାୟକ, ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୪।୨(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ତଥା ପଦ୍ମବନ ପୀଠ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠ ନେମାଳ ସନ୍ନିକଟ ଜଳଦିଆ ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ୧୧ତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତଥା କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ କରି ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ କୃପା ଲାଭ କରିବା ସହ ଉପସ୍ଥିତ ଥିବା ବହୁ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବିଧାୟକ ଶ୍ରୀ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କାର୍ତ୍ତିକଚନ୍ଦ୍ର ମୁଦୁଲି, ପ୍ରମୋଦ ମୁଦୁଲି, ସିସିବି ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ବିଳାସ ଭୋଇ, ସରପଞ୍ଚ ସସ୍ମିତା ମହାନ୍ତି, ସ୍ୱାଧୀନ ଭୂୟାଁ, ସରୋଜ ବେହେରା, ରମାକାନ୍ତ ବେହେରା, ସୁଶାନ୍ତ ସେଠୀ, ସେକ୍ ରୁସ୍ତମ୍, ଯୁବନେତା ବଳଦେବାନନ୍ଦ ଦାସ, ହିମାଂଶୁଶେଖର ଦାସ, ଗୋବିନ୍ଦ ଦାସ, ଗୋପୀନାଥ ପଲେଇ, ସୁନାକର ସାହୁ, ନାରୀ ନେତ୍ରୀ ସଂଯୁକ୍ତା ଭୂୟାଁ, ପଦ୍ମାବତୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ । ଏହି ଅବସରରେ ଓଡ଼ିଆ ସଙ୍ଗୀତ ଜଗତର ନାମୀଦାମୀ ଗାୟିକା ଗାୟକଙ୍କ ଦ୍ୱାରା ଭଜନ, ମେଲୋଡ଼ି କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ସମାଜସେବୀ ନୃସିଂହଚରଣ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

